REGIONAL NEWS UNIT, AIR CUTTACK
Morning Bulletin (7.05 AM)
17 June – 2024

# ପିଏମ୍ କିଶାନ ସମ୍ମାନନିଧି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପିଏମ୍ କିଶାନ ସମ୍ମାନନିଧି ଯୋଜନାର ହିତାଧିକାରୀମାନଙ୍କୁ ୧୭ତମ କିସ୍ତି ପ୍ରଦାନ କରିବେ । ଉତ୍ତରପ୍ରଦେଶର ବାରାଣାସୀଠାରେ ହେବାକୁ ଥିବା ସ୍ୱତନ୍ତ୍ର ସମାରୋହରେ ଶ୍ରୀ ମୋଦୀ ଡିବିଟି ଜରିଆରେ ୯କୋଟି ୨୬ଲକ୍ଷରୁ ଅଧିକ ହିତାଧିକାରୀମାନଙ୍କୁ ୨୦ହଜାର କୋଟି ଟଙ୍କା ଦେବେ ବୋଲି ଜଣାପଡିଛି ।

# ରଥଯାତ୍ରା ପ୍ରସ୍ତୁତି ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ରଥଯାତ୍ରା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ଭୁବନେଶ୍ୱରଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେ ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାରମ୍ଭରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ଓ ସ୍ନାନଯାତ୍ରା ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି

ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

ଅନ୍ୟପକ୍ଷରେ ଆସନ୍ତା ୨୨ ତାରିଖ ଦିନ ଶ୍ରୀମନ୍ଦିରରେ ସ୍ନାନପୂର୍ଣ୍ଣିମା ନୀତି ଯେଭଳି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ସେ ନେଇ ଏସ୍‌ପି ପିନାକ ମିଶ୍ର ଦଇତାପତି ନିଯୋଗ ସହ ଆଲୋଚନା କରିଛନ୍ତି । ଏଥିସହିତ ଶ୍ରୀଜୀଉମାନଙ୍କର ଜଳଲାଗି ଓ ହାତୀବେଶକୁ ଭକ୍ତମାନେ ଯେଭଳି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି ।

# ଚୁକ୍ତିନାମା ସ୍ୱାକ୍ଷରିତ

କମ୍ପାଉଣ୍ଡ ସେମି କଣ୍ଡକ୍ଟର କ୍ଷେତ୍ରରେ ମିଳିତ ସହଯୋଗରେ ଅନୁସନ୍ଧାନ କରିବା ଲାଗି ଜଟଣୀସ୍ଥିତ ଆଇଆଇଟି ଏବଂ ସିକ୍‌ସେମ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଗତକାଲି ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ଅନୁଯାୟୀ ଆଇଆଇଟିରେ ସିଲିକନ୍ କାର୍ବାଇଟ୍ କ୍ରିଷ୍ଟାଲର ସ୍ୱଦେଶୀ ବିକାଶ କରିବାର ଲକ୍ଷ୍ୟ ରଖାଯାଇଛି । ୪୫କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପରେ ଉନ୍ନତ ଜ୍ଞାନକୌଶଳ ବିନିଯୋଗ କରି ସେମି କଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ଦେଶରେ

ସେମି କଣ୍ଡକ୍ଟର ଇକୋ ସିଷ୍ଟମର ବିକାଶ କ୍ଷେତ୍ରରେ ଜଥେଷ୍ଟ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଡିପ୍‌ଥେରିଆ ରୋଗ-ସର୍ଭେ

ରାୟଗଡା ଜିଲ୍ଲାର କାଶୀପୁରଠାରେ ଡିପ୍‌ଥେରିଆ ରୋଗ ବ୍ୟାପିଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଘରକୁଘର ବୁଲି ସର୍ଭେ କରାଯାଉଛି । ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଏପର୍ଯ୍ୟନ୍ତ ସେଠାରେ ୫ଜଣଙ୍କର ମୃତ୍ୟୁ ହେବା ସହ ୧୫ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ମଧ୍ୟ ଚିହ୍ନଟ କରାଯିବା ସହିତ ନିକଟବର୍ତ୍ତୀ ଅଞ୍ଚଳ ଓ ଜିଲ୍ଲାକୁ ସତର୍କ କରାଯାଇଛି । ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଆଣ୍ଟିବାଟିକ୍ ଓ ଆବଶ୍ୟକ ସ୍ଥଳେ ଭ୍ୟାକ୍ସିନ ଦିଆଯାଉଛି ବୋଲି ଡାକ୍ତର ମିଶ୍ର କହିଛନ୍ତି ।

# ଦୁର୍ଘଟଣା

ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଲଛିପୁର ଗ୍ରାମରେ ସଡ଼କ ଦୁର୍ଘଟଣାରେ ୪ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ୪ଜଣ ଖଡିଆଳରୁ ତୁକ୍‌ଲା ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଶ୍ରୀଜୀଉଙ୍କ ରାଜେନ୍ଦ୍ରଭିଷେକ ନୀତି

ଜ୍ୟେଷ୍ଠ ମାସ ଶୁକ୍ଳ ଏକାଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ରାଜେନ୍ଦ୍ରଭିଷେକ ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ଧୂପନୀତି ଶେଷ ହେବା ପରେ ମଦନମୋହନ ଆଜ୍ଞାମାଳ ପ୍ରାପ୍ତ ହୋଇ ବଟ ଗଣେଶଙ୍କଠାରେ ଥିବା ଖଟ ଉପରେ ବିଜେ ହୋଇଥାନ୍ତି । ଏହାପରେ ଭିତର ଶୋଧ ହୋଇ ଜୟବିଜୟ ଦ୍ୱାର ବନ୍ଦ ହେବା ସହିତ ଜଗମୋହନର ଆଲୋକ ବନ୍ଦ କରାଯାଇ ଅନ୍ଧାର କରାଯାଇଥାଏ । ଏଥିସହିତ ଭିତରେ ମହାପ୍ରଭୁମାନଙ୍କର ଆଲଟ ଲାଗି ନୀତି ଅନୁଷ୍ଠିତ ହୋଇଥାଏ । ପରେ ମଦନମୋହନ ମହାଜନମାନଙ୍କ ହସ୍ତରେ ବିଜେ ପୂର୍ବକ ବଟମୂଳେ ଥିବା ସୁସଜ୍ଜିତ ରଥରେ ଦେଉଳର ବେଢ଼ା ପରିକ୍ରମା କରିଥାନ୍ତି । ଏହି ସ୍ୱତନ୍ତ୍ର ନୀତି ଦର୍ଶନ କରିବାକୁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି ।

## ଇଦ୍‌-ଉଜ୍‌-ଜୁହା

ସମଗ୍ର ରାଜ୍ୟରେ ଆଜି ଇଦ୍‌-ଉଜ୍‌-ଜୁହା ପର୍ବ ପାଳନ କରାଯାଉଛି । ଏହି ଅବସରରେ ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତିଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ଇଦଗାହ ଓ ମସ୍‌ଜିଦ୍‌ରେ ସମୂହ ନମାଜପାଠର ଆୟୋଜନ କରାଯାଇଛି ।

ଇଦ୍‌-ଉଜ୍‌-ଜୁହା ଲାଗି ରାଜ୍ୟପାଳ ରଘୁବର ଦାସ ଅଭିନନ୍ଦନ ଜଣାଇଛନ୍ତି । ସେବା, ସମର୍ପଣ, ତ୍ୟାଗର ଏହି ପର୍ବରେ ସମସ୍ତେ ସାମିଲ

ହେବା ସହ ସର୍ବାଙ୍ଗୀନ ବିକାଶ ଲାଗି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପର୍ବ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

## କାଲି ଖୋଲିବ ସ୍କୁଲ

ଗ୍ରୀଷ୍ମ ଅବକାଶ ପରେ ଆସନ୍ତାକାଲି ରାଜ୍ୟରେ ସମସ୍ତ ବିଦ୍ୟାଳୟ ଖୋଲିବ । ତେବେ ଆଜି ଶିକ୍ଷକ, ପାଚିକା ଓ ସହାୟିକା ନିଜନିଜ ବିଦ୍ୟାଳୟକୁ ଆସି ରୋଷେଇଶାଳ ଓ ରୋଷେଇ ସାମଗ୍ରୀକୁ ଯାଞ୍ଚ କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତାକାଲିଠାରୁ ବିଦ୍ୟାର୍ଥୀମାନଙ୍କୁ ନିୟମିତ ମଧ୍ୟାହ୍ନଭୋଜନ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏଥିସହିତ ବିଦ୍ୟାଳୟ ପରିବେଶ ଓ ଶ୍ରେଣୀଗୃହକୁ ପରିଷ୍କାର କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ରେଳ ଟିକଟ ଯାଞ୍ଚ ଡ୍ରାଇଭ୍

ପ୍ରକୃତ ଟିକଟଧାରୀ ରେଳଯାତ୍ରୀଙ୍କ ଆରାମ୍‌ଦାୟକ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ ମଣ୍ଡଳ ଦ୍ୱାରା ଟିକଟ ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି । ବିଶେଷକରି ବର୍ତ୍ତମାନ ଚାଲିଥିବା ଗ୍ରୀଷ୍ମଛୁଟି ଏବଂ ବିଭିନ୍ନ

ପର୍ବପର୍ବାଣି ସମୟକୁ ଦୃଷ୍ଟିରେ ରଖି ସଂରକ୍ଷିତ କୋଚ୍‌ରେ ଅଣ ସଂରକ୍ଷିତ ଟିକଟଧାରୀଙ୍କ ଯାତ୍ରାକୁ ରୋକିବା ଉଦ୍ଦେଶ୍ୟରେ ଏହା କରାଯାଉଛି । ଏଥିସହିତ ହେଲ୍‌ପଲାଇନ୍ ନମ୍ବର ୧୩୯ ଦ୍ୱାରା ଯାତ୍ରୀମାନଙ୍କ ଅଭିଯୋଗକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମଣ୍ଡଳ ନିୟନ୍ତ୍ରଣ କାର୍ଯ୍ୟାଳୟରେ ଏକ ଓ୍ୱାର୍ ରୁମ୍ ଖୋଲାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗତ ୧୫ ତାରିଖ ଦିନ ଟିକଟ ଯାଞ୍ଚ ସମୟରେ ୩୫୬ଜଣ ଯାତ୍ରୀଙ୍କ ଉପରେ ପ୍ରାୟ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜୋରିମାନା ଲାଗୁ କରାଯାଇଛି । ଏଥିସହିତ ଅଣ ସଂରକ୍ଷିତ ଟିକଟ ଥିବା ମୋଟ୍ ୬୩୫ଜଣ ଯାତ୍ରୀଙ୍କୁ କୋଚ୍‌ରୁ ଓହ୍ଲାଇ ଦିଆଯାଇଛି ବୋଲି ଖୋର୍ଦ୍ଧାରୋଡ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍ ବାଜ୍ୱା କହିଛନ୍ତି ।

## ଗ୍ରୀଷ୍ମଲହରୀ

ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରୀ ଅବ୍ୟାହତ ରହିଥିବାବେଳେ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଗୁଳଗୁଳି ଅନୁଭୂତ ହେଉଛି । ତେବେ ଆସନ୍ତାକାଲିଠାରୁ ରାଜ୍ୟର କେତେକ ସ୍ଥାନରେ ବର୍ଷାର ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି । ସେ କହିଛନ୍ତି ରାଜ୍ୟରେ ମୌସୁମୀବାୟୁ ଶୀଘ୍ର ପ୍ରବେଶ କରିଥିଲେ ମଧ୍ୟ ଲଘୁଚାପ ସୃଷ୍ଟି ହେଉନଥିବାରୁ ଏହା ଆଗକୁ ବଢ଼ିପାରୁ ନାହିଁ ।